# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 February - 2025**

# ମୁଖ୍ୟମନ୍ତ୍ରୀ–କାଶୀ ତାମିଲ ସଙ୍ଗମ

ସାଂସ୍କୃତିକ ଏକତା ଭାରତକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ବାରାଣାସୀଠାରେ ଆୟୋଜିତ କାଶୀ ତାମିଲ ସଂଗମ-୩ କାର୍ଯ୍ୟକ୍ରମରେ ଗତକାଲି ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଏକତାର ଅନନ୍ୟ ନିଦର୍ଶନ । ବାରାଣାସୀର ନମୋ ଘାଟଠାରେ ଗତ ୧୫ ତାରିଖରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜମୁଦାର ଏବଂ ଉତ୍ତରପ୍ରଦେଶ କ୍ୟାବିନେଟ୍ ମନ୍ତ୍ରୀ ଅନୀଲ ରାଜଭର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଭାରତର ସାଂସ୍କୃତିକ ଏକତାକୁ ସୁଦୃଢ଼ କରିବା ଏବଂ ଏହାର ପ୍ରଚାର ଓ ପ୍ରସାର ପାଇଁ ଗତ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଶୀ ତାମିଲ ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

# ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଘାଟିତ

ସଂସ୍କୃତି, ଐତିହ୍ୟ ଏବଂ ବିଶ୍ୱପ୍ରସିଦ୍ଧ ମନ୍ଦିରରେ ସମୃଦ୍ଧ ଓଡ଼ିଶା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି । ଭୁବନେଶ୍ୱରଠାରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାରକୁ ଉଦ୍‌ଘାଟନ କରି ଶ୍ରୀ ଶେଖାୱତ ରାଜ୍ୟର ବୈଭବ ଉପରେ ଆଲୋକପାତ କରିଥିଲେ ।

**V/o-**

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ସଂସ୍ଥାର ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପର୍ଯ୍ୟଟନ ବିଭାଗ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ ।

# ପୃଥ୍ୱୀରାଜ ହରିଚନ୍ଦନ

ଚିଲିକା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ରାସ୍ତା ନିର୍ମାଣ ପ୍ରକଳ୍ପଗୁଡ଼ିକ ସ୍ଥିତି ନେଇ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି । ଗୁଣବତ୍ତା ବଜାୟ ରଖି ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି । ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର ସ୍ଥିତି ନେଇ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିସ୍ତୃତ ଆଲୋଚନା କରିଛନ୍ତି ।

# ୱାଟ୍‌କୋକୁ ପୁରସ୍କାର

ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ତଦାରଖ ବ୍ୟବସ୍ଥା ପାଇଁ ଏଣ୍ଟରପ୍ରାଇଜ୍ ଆପ୍ଲିକେଶନ ବର୍ଗରେ ୱାଟ୍‌କୋକୁ ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ସାର୍ବଜନୀନ ସେବା ପ୍ରଦାନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ମାଧ୍ୟମରେ  ଉତ୍କର୍ଷ ପ୍ରତିପାଦନ କରିଥିବା ସଂସ୍ଥାକୁ ସ୍ୱୀକୃତି ସ୍ୱରୂପ ଜାତୀୟସ୍ତରୀୟ ଏହି ଇ-ଗର୍ଭନାନ୍ସ ପୁରସ୍କାର ପ୍ରଦାନ କରାଯାଇଥାଏ । ହାଇଦ୍ରାବାଦଠାରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରଯୁକ୍ତିବିଦ୍ୟା ସଭା କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନବିଭାଗ ଅଧୀନରେ ଥିବା ଜଳନିଗମ ୱାଟ୍‌କୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

# ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ

ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଆସନ୍ତା ମାସ ୩ ତାରିଖ ସୁଦ୍ଧା ସେମାନଙ୍କ ବଦଳି ହୋଇଥିବା ସ୍ଥାନରେ ଯୋଗଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି । ଗତମାସ ୭ ତାରିଖ ଏବଂ ଗତ ୧୫ ତାରିଖରେ ବିଜ୍ଞପ୍ତି ଅନୁଯାୟୀ ବଦଳି ହୋଇଥିବା ଅଧିକାରୀଙ୍କୁ ଆସନ୍ତା ୨୮ ତାରିଖ ସୁଦ୍ଧା ରିଲିଭ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଅତିରିକ୍ତ ଶାସନ ସଚିବ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଗତକାଲି ଜାରି କରିଛନ୍ତି ।

# ହସ୍ତତନ୍ତ ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ

ଖୋର୍ଦ୍ଧା ଜିଲ୍ଲା ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ହସ୍ତତନ୍ତ ପଲ୍ଲୀଶ୍ରୀ ଓ ପୁସ୍ତକ ମେଳା ଗତକାଲି ଉଦ୍‌ଯାପିତ ହୋଇଛି । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଖୋର୍ଦ୍ଧା ହାବେଳିପଡ଼ିଆ ଠାରେ ୫ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଜିଲ୍ଲାପାଳ ଚଞ୍ଚଳ ରାଣା ମହିଳାଙ୍କ ଦକ୍ଷତା ବିକାଶ ସହିତ ଆର୍ଥିକ ଅଭିବୃଦ୍ଧିନେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

# ବିକଶିତ ଗାଁ ବିକଶିତ ଓଡ଼ିଶା ବୈଠକ

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସମ୍ପର୍କିତ ଏକ ବୈଠକ ଗଞ୍ଜାମ ଜିଲ୍ଲା ପୋଲସରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷ କଳ୍ପନା କୁମାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମବାସୀଙ୍କ ଆର୍ଥିକ ଅଭିବୃଦ୍ଧି ସହିତ ବିକାଶକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ ।

## ମହାପ୍ରୟାଣ ଦିବସ

ଭଦ୍ରକ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରାମଠାରେ କସ୍ତୁରବା ଗାନ୍ଧୀଙ୍କ ୮୧ତମ ମହାପ୍ରୟାଣ ଦିବସ ପାଳିତ ହେଉଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଏବଂ ଗାନ୍ଧୀ ବିଚାର ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ସଭାରେ ବାଳାଶ୍ରମ ଅନ୍ତେବାସୀ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ ।

## ଏଫ୍ଆଇଏଚ୍ ହକି

ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଭାରତକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଦୁଇଦଳ ମଧ୍ୟରେ ଆଜି ସେହି ଷ୍ଟାଡିୟମଠାରେ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

ସେହିଭଳି ପୁରୁଷ ବର୍ଗର ଅନ୍ୟଏକ ମ୍ୟାଚ୍‌ରେ ଜର୍ମାନୀ' ଆର୍ୟ୍ୟାଲାଣ୍ଡକୁ ୮-୨ ଗୋଲ୍‌ରେ ପରାସ୍ତ କରିଛି । ଦୁଇଦଳ ମଧ୍ୟରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ନେଦରଲ୍ୟାଣ୍ଡ୍‌ସ ଭାରତକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି । ଦୁଇଦଳ ମଧ୍ୟରେ ଆଜି କଳିଙ୍ଗ ଷ୍ଟାଡିୟମଠାରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।